# ଶିକ୍ଷା ବିକାଶ ସମିତି, ଓଡ଼ିଶା

**ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧**

**ଶ୍ରେଣୀ : ଚତୁର୍ଥ** | **ବିଷୟ : ଚିତ୍ରାଙ୍କନ**
**ସମୟ : ୩୦ମି.** | **ପୂର୍ଣ୍ଣସଂଖ୍ୟା : ୨୫**

**'କ' ବିଭାଗ**

୧. ଯେକୌଣସି ଗୋଟିଏ ଚିତ୍ର ଅଙ୍କନ କରି ସେଥିରେ ରଙ୍ଗ ଦିଅ । ୨୫

କ) ସକାଳର ଦୃଶ୍ୟ ଅଙ୍କନ କରି ସେଥିରେ ରଙ୍ଗ ଦିଅ ।

ଖ) ନଡ଼ିଆଗଛର ଚିତ୍ର ଅଙ୍କନ କରି ସେଥିରେ ରଙ୍ଗ ଦିଅ ।

❖❖❖

# SHIKSHA VIKASH SAMITI, ODISHA

## ANNUAL EXAMINATION: 2020-2021

Class - IV | Sub - English **(W)**

Time - 40min. | Full marks - 30

1. Translate into English. 2 × 5

(କ) ରାମ ଜଣେ ଡେଙ୍ଗା ପିଲା ।

(ଖ) ପେଚା ଅନ୍ଧାରରେ ଦେଖିପାରିବ ।

(ଗ) ମୁଁ ପ୍ରତିଦିନ ଅଙ୍କ କରେ ନାହିଁ ।

(ଘ) ଶ୍ରୀକାନ୍ତ ମୋତେ ଡାକୁଛି ।

(ଙ) ମୁଁ କେବେ ମିଛ କହେ ନାହିଁ ।

2. Do as directed. 2 × 10

(a) Play in the garden. (Put not )

(b) The girl is reading her book now.

(Rewrite using tomorrow)

(c) I shall wash my clothes tomorrow.

(Rewrite using yesterday)

(d) I ran with Rama yesterday.

(Rewrite using now )

(e) Nitai works in a factory.(Where)

(Make a question using the word given in the bracket to get the answer)



(f) I know them.

(Make into question form )

(g) This knife is mine.

(Change from singular to plural )

(h) Sun shines in a day.

( Insert 'the' if necessary )

(i) My uncle..............(not come) from Puri yesterday.

(Rewrite using the correct form of the verb given in the bracket )

(j) Germany is................European country.

(Put a/an)

❖❖❖

# SHIKSHA VIKASH SAMITI, ODISHA

## ANNUAL EXAMINATION: 2020-2021

Class - IV | Sub - English **(O)**

Full marks - 20

1. Book reading. 2×5

   Lesson : 18, page : 37 of The SER : IV

   Dasarath ........................... Kaushalya.

2. Answer the following questions. 2×5

   (a) Who is your father ?

   (b) How many colours are there in an Indian flag ?

   (c) What colour is crow ?

   (d) Today is Monday. What day will be tomorrow ?

   (e) Which is the first month of the year ?

❖❖❖

# शिक्षाविकाशसमिति, ओडिशा

## वार्षिक परीक्षा : २०२०-२०२१

कक्षा - चौथी | विषय - हिन्दी

समय - ३० मिनट | पूर्णांक - २५

१. पुस्तक पठन - सरस्वती हिन्दी भाषा सोपान पुस्तक से।

१ × ५ = ५

'होनेहार बालक माधवराव' बिषय से (बिसवी शताब्दी के --- पुकारते थे तक)

२. इन प्रश्नो का सहि उत्तर लिखिए । २ × ४ = ८

(क) मधु का जन्म कहाँ हुआ था ?

(ख) माधव का पिता का नाम क्या था ?

(ग) जगमे किस को सफलता मिलती है ?

(घ) बालक अर्जुन से क्या सीखना चाहता है ?

३. हिन्दी मे अनुबाद किजिए । २ × ४ = ८

(କ) ଗଣେଶ ବିଦ୍ୟାଦାତା ଅଟନ୍ତି ।

(ଖ) ହିନ୍ଦୀ ଭାଷାକୁ ସମ୍ମାନ କର ।

(ଗ) ବ୍ୟାୟାମ ଦ୍ୱାରା ଶରୀର ସୁସ୍ଥ ରହେ ।

(ଘ) ପୁସ୍ତକ ଛାତ୍ରର ପ୍ରକୃତ ବନ୍ଧୁ ।



४. निर्देशानुसार उत्तर दिजिए । १ × ४ = ४

(क) शक्ति , निती (पर्यायवाची शब्द लिखिए - किसि एक का)

(ख) कबिता , नारी ( बचन बदलिए - किसी एक का)

(ग) सच्चा , बीर ( विलोम शब्द - किसी एक का)

(घ) ३० , ३४ ( अक्षर मे लिखिए - किसी एक का)

❖ ❖ ❖

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧

**ଶ୍ରେଣୀ : ଚତୁର୍ଥ** **ବିଷୟ : ଗଣିତ**

**ସମୟ : ୧ଘଣ୍ଟା** **ପୂର୍ଣ୍ଣସଂଖ୍ୟା : ୫୦**

୧. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ୧ × ୫ = ୫

(କ) ୫୦୦ ସେ.ମି. = କେତେ ମି. ? (୫୦, ୫, ୫୦୦, ୧୦)

(ଖ) ୧୦୦୦ ପଇସା = କେତେ ଟଙ୍କା ? (୧, ୧୦, ୧୦୦, ୧୦୦୦)

(ଗ) ହର ୯ ହୋଇଥିବା କେତୋଟି ପ୍ରକୃତ ଭଗ୍ନାଂଶ ଅଛି ? (୭, ୮, ୯, ଅସଂଖ୍ୟ)

(ଘ) ଅଧିବର୍ଷ ସାଧାରଣତଃ କେତେ ବର୍ଷରେ ଥରେ ପଡ଼ିଥାଏ ? (୧, ୨, ୪, ୮)

(ଙ) ୨ ଘଣ୍ଟା ୩୦ ମିନିଟ୍ = କେତେ ମିନିଟ୍ ? (୨୩୦, ୯୦, ୧୫୦, ୧୮୦)

୨. ଠିକ୍ ଉକ୍ତି ପାଖରେ ଠିକ୍ (✓) ଓ ଭୁଲ୍ ଉକ୍ତି ପାଖରେ ଭୁଲ୍ ଚିହ୍ନ (×) ଦିଅ । ୧ × ୫ = ୫

(କ) ୩୧୫ ମିନିଟ୍ = ୩ ଘଣ୍ଟା ୧୫ ମିନିଟ୍ । ( )

(ଖ) ୫ କି.ଗ୍ରା. ୭୫ ଗ୍ରା. = ୫୭୫ଗ୍ରା. ( )

(ଗ) ୫୩୮ ÷ ୪୨ ଭାଗକ୍ରିୟାରେ ଧିଜାଙ୍କ ୨ । ( )

(ଘ) ୦.୫ କୁ ସାଧାରଣ ଭଗ୍ନାଂଶରେ ପ୍ରକାଶ କଲେ $\frac{୫}{୧୦}$ ହେବ । ( )

(ଙ) ୧୯୦୦ ମସିହା ଅଧିବର୍ଷ ଅଟେ । ( )



୩. ସ୍ତମ୍ଭ ମିଳନ କର । ୧ × ୫ = ୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସମଘନର ପାର୍ଶ୍ୱ ସଂଖ୍ୟା | ୮ |
| କୋନର ଶୀର୍ଷ ସଂଖ୍ୟା | ୨ |
| ସିଲିଣ୍ଡରର ଧାର ସଂଖ୍ୟା | ୦ |
| ଆୟତଘନର ଶୀର୍ଷ ସଂଖ୍ୟା | ୬ |
| ଗୋଲକର ଧାର ସଂଖ୍ୟା | ୧ |

୪. ନିର୍ଦ୍ଦେଶ ଅନୁସାରେ ସଂଖ୍ୟା ଲେଖ । ୧ × ୫ = ୫

(କ) ମଧ୍ୟାହ୍ନ ୧୨ଟାର ୧ ଘଣ୍ଟା ପର ସମୟକୁ କ'ଣ କୁହାଯାଏ ?

(ଖ) ୨୮.୦୨.୨୦୨୧ର ଠିକ୍ ପରବର୍ତ୍ତୀ ତାରିଖଟି କେତେ ?

(ଗ) ୨୦୧୬ ମସିହାର ଠିକ୍ ପୂର୍ବବର୍ତ୍ତୀ ଅଧିବର୍ଷଟିକୁ ଲେଖ ।

(ଘ) ରାତ୍ରି ୧୧ଟା ଓ ରାତ୍ରି ୧ଟାର ଠିକ୍ ମଧ୍ୟବର୍ତ୍ତୀ ସମୟକୁ କ'ଣ କୁହାଯାଏ ?

(ଙ) ୦୧-୦୩-୨୦୨୦ର ଠିକ୍ ପୂର୍ବବର୍ତ୍ତୀ ତାରିଖଟି କେତେ ?

୫. ଅଲଗା ସଂଖ୍ୟାଟି ବାଛି ଲେଖ । ୨ × ୩=୬

(କ) ୫୦୦ କି.ଗ୍ରା., ୭୨୫ କି.ଗ୍ରା., ୮୦୦ ଗ୍ରାମ୍, ୭ କି.ଗ୍ରା

(ଖ) ୭A.M., ୮P.M., ୧୦A.M., ୫A.M.

(ଗ) ୧୦୦୦ ଟଙ୍କିଆ ନୋଟ୍, ୨୦୦୦ ଟଙ୍କିଆ ନୋଟ୍, ୫୦୦୦ ଟଙ୍କିଆ ନୋଟ୍, ୧୦୦ ଟଙ୍କିଆ ନୋଟ୍

୬. ଶୂନ୍ୟସ୍ଥାନ ପୂରଣ କର । ୨ × ୩ = ୬

(କ) ୮ଟଙ୍କା ୫ ପଇସା = ________ ପଇସା ।

(ଖ) ୩.୩୦P.M. = ________ ଘଣ୍ଟା । (୨୪ ଘଣ୍ଟିଆ ସମୟରେ)

(ଗ) ୨୦୧୬ ମସିହାର ବର୍ଷଟି = ________ ଦିନ ।

୭. ସଂକ୍ଷେପରେ ଉତ୍ତର ଦିଅ । ୨ × ୩ = ୬

(କ) ୬୫ର ବର୍ଗ ଏକାଧିକେନ ପଦ୍ଧତିରେ ନିର୍ଣ୍ଣୟ କର ।

(ଖ) ୫୨୯ ÷ ୪୩ ଧ୍ୱଜାଙ୍କ ପଦ୍ଧତିରେ ଭାଗ କର ।

(ଗ) ୧୩୨ ÷ ୯ ନିଖିଳମ୍ ପଦ୍ଧତିରେ ଭାଗ କର ।

୮. ଏକ ପଦରେ ପ୍ରକାଶ କର । ୨ × ୩ = ୬

(କ) ଯେଉଁ ବର୍ଷର ଦିନ ସଂଖ୍ୟା ୩୬୬ ଦିନ –

(ଖ) କ୍ୟାଲେଣ୍ଡରରେ ଇଂରାଜୀ ବର୍ଷର ଶେଷ ମାସ –

(ଗ) ରାସ୍ତାର ଦୈର୍ଘ୍ୟ ମାପର ବୃହତ୍ତମ ଏକକ –

୯. ଭ୍ରମ ଥିଲେ ରେଖାଙ୍କିତ ସଂଖ୍ୟାକୁ ବଦଳାଇ ସଂଶୋଧନ କର ।

୨ × ୩ = ୬

(କ) ୧୫ ଓ ୧୬ର ଲ.ସା.ଗୁ. ୧ ।

(ଖ) ସିଲିଣ୍ଡରର ଧାର ସଂଖ୍ୟା ଓ ପୃଷ୍ଠ ସଂଖ୍ୟା ମିଶି ୬ ।

(ଗ) ୨୪ ଲି. ୫୦ ମି.ଲି. = ୨୪୫୦ ମି.ଲି. ।

❖❖❖

# ଶିକ୍ଷା ବିକାଶ ସମିତି, ଓଡ଼ିଶା

**ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧**

**ଶ୍ରେଣୀ : ଚତୁର୍ଥ** | **ବିଷୟ : ମାତୃଭାଷା (ଓଡ଼ିଆ)**

**ସମୟ : ୧ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

୧. ପୁସ୍ତକ ପଠନ ପୃଷ୍ଠା - ୮୩ ୦୫

"ଭିତର କନିକା ଅଞ୍ଚଳଟି ....... ଖଣ୍ଡବିଖଣ୍ଡିତ''

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ୧ × ୪ = ୪

(କ) ତନ୍ମୟ ବ୍ୟସ୍ତ ହୋଇ କ'ଣ ଖୋଜୁଥିଲା ?

(ଖ) ଚାଷୀମାନେ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ କ'ଣ କଲେ ?

(ଗ) ପିଲାଟି ସଡ଼କ ଦାଢ଼ରେ କାହାକୁ ଦେଖିଲା ?

(ଘ) ନିଜର ଲାଲ ଶାଲ କୁ ନେଇ ପିଲାଟି କ'ଣ କଲା ?

୩. ସଂକ୍ଷେପରେ ଉତ୍ତର ଦିଅ । ୨ × ୩ = ୬

(କ) ଭିତରକନିକା ଅଞ୍ଚଳରେ ଭୂମି କାହିଁକି ସର୍ବଦା ସନ୍ତସନ୍ତିଆ ରହେ ?

(ଖ) ବୀରସାଇତମାନଙ୍କର ବେଶପୋଷାକ କିଭଳି ହେବ ବୋଲି ବିର୍ସା ସୂଚନା ଦେଇଥିଲେ ?

(ଗ) ପିଲାଟି କେଉଁ ଦୁଇଟି ଭଲ କାମ କରିଥିଲା ?

୪. ପାଦ ପୂରଣ କର । ୫

(କ) ବାଲୁତ ________ ନ ଉଠୁଣୁ ଆଜ

ହସର ________ବୁଣି ।

(ଖ) ________ ହୋଇ ଉଠିଲି ବୋଉଲୋ

ଶୁଆଶାରୀ ________ ।

(ଗ) ଉଡ଼ାଇ ଦେଇ ତୋ ________

ଭଲକି କରିନି ମୁହିଁ ?



୫. ଭୁଲ୍ ଠିକ୍ ଚିହ୍ନ ଦିଅ । ୫

(କ) ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ । ( )

(ଖ) ପିଲାଟିର ଶାଲର ରଙ୍ଗ ସବୁଜ ଥିଲା । ( )

(ଗ) ଜିଆ କୃଷକର ପ୍ରକୃତ ବନ୍ଧୁ । ( )

(ଘ) ଭିତରକନିକାର ଭୂମି ସବୁବେଳେ ଶୁଖିଲା ଥାଏ । ( )

(ଙ) ବିର୍ସାମୁଣ୍ଡା ରାଞ୍ଚି ଜେଲରେ ମୃତ୍ୟୁବରଣ କରିଥିଲେ । ( )

୬. ଠିକ୍ ଉତ୍ତର ବାଛି ଲେଖ । ୫

(କ) ଆମରାଜ୍ୟର ________ ରେ ଗୋଟିଏ ସଂଗ୍ରହାଳୟ ଅଛି ।

(କଟକ, ସମ୍ବଲପୁର, ଭୁବନେଶ୍ୱର)

(ଖ) ଭିତରକନିକାକୁ ________ ମସିହାରେ ଅଭୟାରଣ୍ୟ ରୂପେ ଘୋଷଣା କରାଗଲା ।

(୧୯୭୫, ୧୮୭୫, ୧୯୮୭)

(ଗ) ପିଲାଟି ବୁଢ଼ାଟିକୁ ________ ଦେଲା ।

(ସାର୍ଟ, ଶାଲ, ଗୁମୁଛା)

(ଘ) ମାଟିରେ ଜୀବନୀଶକ୍ତି ________ ସାର ପ୍ରୟୋଗ ଫଳରେ ନଷ୍ଟ ହୁଏ ।

(ରାସାୟନିକ ସାର, ଜିଆ ସାର, ଜୈବିକ ସାର)

(ଙ) ବିର୍ସା ________ ମସିହାରେ ମୃତ୍ୟୁବରଣ କରିଥିଲେ ।

(୧୭୦୦, ୧୯୦୦, ୧୮୦୦)

୭. ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ । ୨ × ୧୦ = ୨୦

(କ) ବାକ୍ୟ ଗଠନ କର ।

ନିରାପଦ, ଅପରାଧୀ

(ଖ) ଗଦ୍ୟରୂପ ଲେଖ । ( ୨ଟିର)

ଯତନ, ବାରତା, ନିଇତି

(ଗ) ଖାଲଢିପ ପରି ଦୁଇଟି ଯୋଡ଼ା ଶବ୍ଦ ଲେଖ ।

(ଘ) ବିପରୀତାର୍ଥବୋଧକ ଶବ୍ଦ ଲେଖ । ( ୨ଟିର)

ଉଠିବା, ଦେବା, ଉତ୍ଥାନ

(ଙ) ବାକ୍ୟଗୁଡ଼ିକୁ ସଜାଡ଼ି ଲେଖ ।

ଭାରତ ଜନ୍ମଭୂମି ସମସ୍ତଙ୍କର ଆମ ।

ସନ୍ତସନ୍ତିଆ ଭୂମି ସବୁବେଳେ ଭିତରକନିକାର ।

(ଚ) ପ୍ରତିଶବ୍ଦ ଲେଖ । ( ୨ଟିର)

ମା, ଜନ, ଜଙ୍ଗଲ

(ଛ) ଶୁଦ୍ଧକରି ଲେଖ ।

କ୍ଷୁଦ୍ରତ୍ତମ, ବିଗ୍ୟାଁ, ଅମ୍ରୁତ

(ଜ) ଲିଙ୍ଗ ପରିବର୍ତ୍ତନ କର ।

ରାଣୀ, ବାଘୁଣୀ, ମୟୂରୀ

(ଝ) ଏକପଦରେ ପ୍ରକାଶ କର ।

ପିଇବା ଯୋଗ୍ୟ, କରିବା ଯୋଗ୍ୟ

(ଞ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।

ଜୀବ - ଯିବ, ବେଶି - ବେଶୀ

❖❖❖

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧

**ଶ୍ରେଣୀ : ଚତୁର୍ଥ** | **ବିଷୟ : ସାଧାରଣଜ୍ଞାନ**

**ସମୟ : ୩୦ମି.** | **ପୂର୍ଣ୍ଣସଂଖ୍ୟା : ୨୫**

୧ × ୨୫ = ୨୫

**ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଖାତାରେ ଲେଖ ।**

୧. ହରିଦ୍ୱାର କେଉଁ ନଦୀ କୂଳରେ ଅବସ୍ଥିତ ?
(A) ଗଙ୍ଗା (B) ଯମୁନା (C) ସରଯୁ (D) ବ୍ରହ୍ମପୁତ୍ର

୨. ଭାରତ ଛାଡ ଆନ୍ଦୋଳନ କେବେ ହୋଇଥିଲା ?
(A) ୧୯୪୦ (B) ୧୯୪୨ (C) ୧୯୪୧ (D) ୧୯୪୩

୩. ଶିବାଜୀ କେଉଁ ରାଜ୍ୟର ରାଜା ଥିଲେ ?
(A) ମଗଧ (B) ମରହଟ୍ଟା (C) ପାଟଳୀପୁତ୍ର (D) କୌଣସିଟି ନୁହେଁ

୪. କେଉଁ ବଂଶର ଶାସନକାଳକୁ ଭାରତ ଇତିହାସର ସୁବର୍ଣ୍ଣଯୁଗ କୁହାଯାଏ ?
(A) ମୋଗଲ (B) ସୁଲତାନ (C) ମୌର୍ଯ୍ୟ (D) ଗୁପ୍ତ

୫. ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କେବେ ଆରମ୍ଭ ହୋଇଥିଲା ?
(A) ୧୮୫୯ (B) ୧୮୫୮ (C) ୧୮୫୭ (D) ୧୮୫୬

୬. ସୂର୍ଯ୍ୟ କେବେ ମକର ରାଶିରେ ପ୍ରବେଶ କରନ୍ତି ?
(A) ମେଷ ସଂକ୍ରାନ୍ତି (B) ମକର ସଂକ୍ରାନ୍ତି (C) ବିଛା ସଂକ୍ରାନ୍ତି (D) କର୍କଟ ସଂକ୍ରାନ୍ତି

୭. ପ୍ରାତଃକାଳରୁ ଉଠି ଶ୍ରୀରାମ କ'ଣ କରନ୍ତି ?
(A) ପିତାମାତାଙ୍କୁ ପ୍ରଣାମ (B) ଫୁଲ ତୋଳନ୍ତି (C) ଅଧ୍ୟୟନ କରନ୍ତି (D) ଗୋସେବା କରନ୍ତି

୮. ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀ କିଏ ?
(A) ରାମାୟଣ (B) ମହାଭାରତ (C) ବେଦ (D) ଗୀତା

୯. ଯାହାଙ୍କର ଆସିବାର ଦିନ ଓ ସମୟ ଜଣା ନ ଥାଏ ତାଙ୍କୁ କହନ୍ତି -
(A) ପ୍ରିୟଜନ (B) ଗୁରୁଜନ (C) ଅତିଥି (D) ପଥିକ

୧୦. ଭାରତୀୟ ପଞ୍ଜାଙ୍ଗ ଆଧାରରେ ପ୍ରଥମ ମାସର ନାମ -
(A) ଆଷାଢ଼ (B) ବୈଶାଖ (C) ମାଘ (D) ଜାନୁଆରୀ

୧୧. ପବନର ବେଗ ମାପିବା ଯନ୍ତ୍ରକୁ କ'ଣ କହନ୍ତି ?
(A) ବାରୋମିଟର (B) ଏନିମୋମିଟର (C) ଲାକ୍ଟୋମିଟର (D) ସ୍ପିଡୋମିଟର

୧୨. ପୃଥିବୀର ବୃହତ୍ତମ ନଦୀ କିଏ ?

(A) ରା (B) ଆମାଜନ୍ (C) ଗଙ୍ଗା (D) ବ୍ରହ୍ମପୁତ୍ର

୧୩. ବଜ୍ରପାତର ଦେଶ କିଏ ?

(A) ଫ୍ରାନ୍ସ (B) ଇଟାଲୀ (C) ନିଉଜିଲାଣ୍ଡ (D) ଜାପାନ

୧୪. ପୃଥିବୀର ବୃହତ୍ତମ ଓ ଗଭୀରତମ ମହାସାଗର କିଏ ?

(A) ପ୍ରଶାନ୍ତ ମହାସାଗର (B) ଆଟଲାଣ୍ଟିକ ମହାସାଗର (C) ଭାରତ ମହାସାଗର (D) ଦକ୍ଷିଣ ମହାସାଗର

୧୫. ନଦୀ ସମୁଦ୍ରରେ ମିଶିବା ସମୟରେ ଯେଉଁ ନୂଆ ଭୂମିରୂପ ସୃଷ୍ଟି ହୁଏ, ତାକୁ କ'ଣ କହନ୍ତି ?

(A) ଗଣ୍ଡ (B) ହ୍ରଦ (C) ତ୍ରିକୋଣଭୂମି (D) ଦ୍ୱୀପ

୧୬. 'ଶିବପୁରୀ' କେଉଁ ସଂଗ୍ରାମୀଙ୍କର କେନ୍ଦ୍ର ଥିଲା ?

(A) ତାନ୍ତିଆ ଟୋପେ (B) କୁଅଁର ସିଂହ (C) ଦେବୀ ସିଂହ (D) କଦମ ସିଂହ

୧୭. ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଗୁରୁ କିଏ ?

(A) ମଦନମୋହନ ମାଲବୀୟ (B) ମହାବୀର (C) ଚାଣକ୍ୟ (D) ମୁଦ୍ରା ରାକ୍ଷସ

୧୮. ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁସାରେ ସମ୍ଭାଗ ସଂଖ୍ୟା କେତେ ?

(A) ୦୬ (B) ୦୭ (C) ୦୮ (D) ୦୯

୧୯. ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯୋଜନାରେ ଆମ ପ୍ରାନ୍ତ ସମିତିଙ୍କ ନାମ କ'ଣ ?

(A) ଶିକ୍ଷା ବିକାଶ ସମିତି, ଓଡ଼ିଶା (B) ବିଦ୍ୟାଭାରତୀ, ଓଡ଼ିଶା

(C) ବିବେକାନନ୍ଦ ଶିକ୍ଷା ସମିତି, ଓଡ଼ିଶା (D) ଅରବିନ୍ଦ ଶିକ୍ଷା ସମିତି, ଓଡ଼ିଶା

୨୦. ତୁମ ବିଦ୍ୟାଳୟ କେଉଁ କ୍ଷେତ୍ରରେ ଅବସ୍ଥିତ ?

(A) ଉତ୍ତର (B) ଦକ୍ଷିଣ (C) ପୂର୍ବ (D) ପଶ୍ଚିମ

୨୧. ଆନ୍ତର୍ଜାତିକ ଯୋଗ ଦିବସ ପ୍ରତିବର୍ଷ କେବେ ପାଳନ ହୁଏ ?

(A) ଅଗଷ୍ଟ ୨୧ (B) ଜୁଲାଇ ୨୧ (C) ଜୁନ୍ ୨୧ (D) ମଇ ୨୧

୨୨. ବର୍ତ୍ତମାନ ଆମ ଦେଶର ରାଷ୍ଟ୍ରପତିଙ୍କ ନାମ କ'ଣ ?

(A) ଶ୍ରୀଯୁକ୍ତ ଏମ୍.ଭେଙ୍କିଆ ନାଇଡୁ (B) ଶ୍ରୀଯୁକ୍ତ ରାମନାଥ କୋବିନ୍ଦ

(C) ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ (D) ଶ୍ରୀମତୀ ପ୍ରତିଭାଦେବୀ ସିଂହ ପାଟିଲ

୨୩. ଚନ୍ଦ୍ରଯାନ – ୨ କେବେ ପ୍ରେରଣ କରାଯାଇଥିଲା ?

(A) ୨୨ ଜୁଲାଇ ୨୦୧୯ (B) ୨୧ ଜୁଲାଇ ୨୦୧୮

(C) ୨୨ ଜୁଲାଇ ୨୦୧୮ (D) ୨୧ ଜୁଲାଇ ୨୦୧୯

୨୪. ଯଦି Class : Classes ତେବେ Country : _______ ?

(A) Countys (B) Countries (C) Countryes (D) country

୨୫. AZ, BY, CX, _______ ହେବ ? (ଶୂନ୍ୟସ୍ଥାନ ପୂରଣ କର ।)

(A) DY (B) DW (C) EY (D) BZ

❖❖❖

# शिक्षाविकाशसमितिः, ओड़िशा

## वार्षिकपरीक्षाः २०२०-२०२१

कक्षा - चतुर्थी　　　　विषयः - संस्कृतम् (लिखितम्)

समयः - ३० मि.　　　　पूर्णांकाः - १५

१. संस्कृतेन उत्तरं प्रदेयम्।　　　　१ × ५ = ५

(क) गोपबन्धुः कस्य पुत्रः ?

(ख) सानुः किं करिष्यति ?

(ग) नरेन्द्रः कुत्र जन्मितवान् ?

(घ) सः केषां बन्धुः आसीत् ?

(ङ) वानरः किं करिष्यति ?

२. संस्कृतेन अनुवादं कुरुत ।　　　　१ × ३ = ३

(କ) ଶେଷରେ କନ୍ୟାକୁମାରୀକୁ ଯାଇଥିଲେ ।

(ଖ) ସୁଧା ଗତକାଲି ସାଙ୍ଗ ଘରକୁ ଯାଇଥିଲା ।

(ଗ) ମାଆ କହୁଛନ୍ତି ।

३. उदाहरणानुसारं शब्दानाम् एकवचनं लिखत।　　　　१ × ३ = ३

यथा : बालिका - बालिका:

बालक: - ________

शाखा - ________

गज: - ________

४. शून्यस्थानानि पूरयत ।　　　　१ × ४ = ४

(क) सः वाल्य-जीवनं ________ ।

(ख) तत्र सा ________ कृतवती।

(ग) ________ गुरुरूपेण प्राप्तवान्।

(घ) सुधा हस्तं ________ ।

❖❖❖



# शिक्षाविकाशसमितिः, ओड़िशा

## वार्षिक परीक्षाः २०२०-२०२१

कक्षा - चतुर्थी　　　　विषयः - संस्कृतम् (मौखिकम्)

पूर्णांकाः - १०

१. ''सरस्वतीसंस्वृतभाषासोपानम्'' चतुर्थभागपुस्तकस्य 'नवमपाठस्य' ''सानु प्रथमतः ...... गणितं पठिष्यति'' यावत् पठतु।　　　　५

२. 'सरस्वतीसंस्कृतभाषासोपानम्' चतुर्थभागः पुस्तकस्य पठत संस्कृतगीतस्य ''प्रथमतः ............... मुनिभिरार्जितम्:'' यावत् गायतु।　　　　५

❖❖❖

# ଶିକ୍ଷା ବିକାଶ ସମିତି, ଓଡ଼ିଶା

**ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧**

**ଶ୍ରେଣୀ : ଚତୁର୍ଥ** **ବିଷୟ : ବିଜ୍ଞାନ**
**ସମୟ : ୩୦ମି.** **ପୂର୍ଣ୍ଣସଂଖ୍ୟା : ୨୫**

୧. ଶୂନ୍ୟସ୍ଥାନ ପୂରଣ କର । ୧×୫=୫

(କ) ବିଲାତି ବାଇଗଣ ଗଛରେ ________ ରୋଗ ହୁଏ ।

(ଖ) ବାଷ୍ପକୁ ଥଣ୍ଡା କଲେ ________ ହେବ ।

(ଗ) ବରୁଣ ଗ୍ରହର ଅନ୍ୟନାମ ________ ।

(ଘ) ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ ଦିନକୁ________ କୁହନ୍ତି ।

(ଙ) ଉତ୍ତର ଗୋଲାର୍ଦ୍ଧରେ ________ ତାରିଖରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ସାନ ।

୨. ସ୍ତମ୍ଭ ମିଳନ କର । ୧ × ୫ = ୫

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| କଠିନ | ଧ୍ରୁବତାରା |
| ତେଣ୍ଡା | ଚକ ଖଡ଼ି |
| ନାବିକଙ୍କ ଦିଗ ନିରୂପଣ | ଜଳସେଚନ |
| ଏକ ପକ୍ଷ | ୪୮ ମିନିଟ୍ |
| ଏକ ଘଡ଼ିକ | ୧୫ ଦିନ |

୩. ଅଲଗାଟିକୁ ବାଛି ଲେଖ । ୧×୫=୫

(କ) କ୍ରତୁ, ପୁଲହ, ଅରୁନ୍ଧତୀ, ଅଙ୍ଗିରା



(ଖ) କର୍ପୂର, ଆୟୋଡ଼ିନ, ବରଫ

(ଗ) ଉର୍ବର ମାଟି, ପତ୍ରର ଖଣିଜ ଲବଣ, ଖତ

(ଘ) ଚକ ଖଡ଼ି, କିରୋସିନି, ପ୍ଲାଷ୍ଟିକ

(ଙ) ବୁଧ, ଶୁକ୍ର, ମଙ୍ଗଳ, ଧ୍ରୁବତାରା

୪. ଠିକ୍ ବାକ୍ୟ ପାଖରେ (✓) ଚିହ୍ନ ଓ ଭୁଲ୍ ବାକ୍ୟ ପାଖରେ (×) ଚିହ୍ନ ଦିଅ । ୧ × ୫ = ୫

(କ) ଭୂପୃଷ୍ଠରେ ସୂର୍ଯ୍ୟକିରଣ ସଳଖ ଭାବରେ ପଡ଼ିଲେ ସେଠାରେ ଶୀତ ଋତୁ ଅନୁଭୂତ ହୁଏ । ( )

(ଖ) ଚନ୍ଦ୍ରର ଆବର୍ତ୍ତନ ଓ ପରିକ୍ରମଣ କାଳ ସମାନ । ( )

(ଗ) ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ପ୍ରାୟ ୬୦୦° ସେଲିସିୟସ । ( )

(ଘ) ତରଳ ପଦାର୍ଥର ନିର୍ଦ୍ଦିଷ୍ଟ ଆକୃତି ଥାଏ । ( )

(ଙ) ଯେଉଁ ବ୍ୟକ୍ତି ପରିବେଶ ସଂରକ୍ଷଣ ଓ ପରିବେଶ ସଚେତନତା ବୃଦ୍ଧି ଦିଗରେ ଅଗ୍ରଣୀ କାର୍ଯ୍ୟ କରୁଛନ୍ତି, ତାଙ୍କୁ ଉତ୍ସାହିତ କରିବା ପାଇଁ ପ୍ରକୃତି ମିତ୍ରର ପୁରସ୍କାର ଦିଆଯାଏ । ( )

୫. ବାମପାର୍ଶ୍ୱର ସଂପର୍କକୁ ଦେଖି ଦକ୍ଷିଣ ପାର୍ଶ୍ୱର ସଂପର୍କ ଲେଖ । ୧ × ୫ = ୫

(କ) ବଉଳା କୁମ୍ଭୀର : ଟିକରପଡ଼ା :: କଇଁଛ : ________

(ଖ) ଚନ୍ଦ୍ର : ୨୮ ଦିନ :: ସୂର୍ଯ୍ୟ : ________

(ଗ) ମାର୍ଚ୍ଚ ୨୧ ତାରିଖ : ସମରାତ୍ର ଦିବସ :: ସେପ୍ଟେମ୍ବର ୨୩ ତାରିଖ : ________

(ଘ) ଚିନି : କଠିନ :: ବାୟୁ : ________

(ଙ) ସିଂହ : ବନ୍ୟ ପଶୁ :: ଗାଈ : ________

❖❖❖

# ଶିକ୍ଷା ବିକାଶ ସମିତି, ଓଡ଼ିଶା

**ବାର୍ଷିକ ପରୀକ୍ଷା : ୨୦୨୦-୨୦୨୧**

**ଶ୍ରେଣୀ : ଚତୁର୍ଥ** **ବିଷୟ : ସାମାଜିକ**

**ସମୟ : ୩୦ମି.** **ପୂର୍ଣ୍ଣସଂଖ୍ୟା : ୨୫**

୧. ଶୂନ୍ୟସ୍ଥାନ ପୂରଣ କର । ୧ × ୫ = ୫

(କ) ଓଡ଼ିଶା ମାଛ, ଅଣ୍ଡା ଓ କଦଳୀ ପାଇଁ ________ ରାଜ୍ୟ ଉପରେ ନିର୍ଭର କରେ ।

(ଖ) ଭୁବନେଶ୍ୱର ________ ଜିଲ୍ଲାରେ ଅବସ୍ଥିତ ।

(ଗ) ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ________ ଠାରେ ଅବସ୍ଥିତ ।

(ଘ) ବାରିପଦା ସହର ________ ନଦୀ କୂଳରେ ଅବସ୍ଥିତ ।

(ଙ) ଶିମିଳିପାଳ ଜୈବମଣ୍ଡଳ ________ ସହର ନିକଟରେ ଅବସ୍ଥିତ ।

୨. ଠିକ୍ ଉକ୍ତି ପାଖରେ (✓) ଓ ଭୁଲ୍ ଉକ୍ତି ପାଖରେ (×) ଚିହ୍ନ ଦିଅ । ୧ × ୫ = ୫

(କ) ମାନବ ପ୍ରେରିତ ଗ୍ରହ ଯୋଗୁଁ ପାଣିପାଗ ସମ୍ପର୍କିତ ତଥ୍ୟ ଜାଣି ହେଉଛି । ( )

(ଖ) ପାରାଦ୍ୱୀପଠାରେ ଏକ ସାର କାରଖାନା ଅଛି । ( )

(ଗ) ଅନୁଗୁଳ ଜିଲ୍ଲାରେ ଭାରୀଜଳ କାରଖାନା ଅଛି । ( )

(ଘ) ଦେଶ ଉନ୍ନତିର ମୂଳମନ୍ତ୍ର ହେଉଛି ଜାତୀୟ ଏକତା । ( )

(ଙ) ବିଜୁପଟ୍ଟନାୟକ ବିମାନବନ୍ଦର ରାଉରକେଲାଠାରେ ଅଛି ।( )



୩. ଏକପଦରେ ପ୍ରକାଶ କର । ୧ × ୫ = ୫

(କ) ମଧ୍ୟପ୍ରଦେଶର ପ୍ରସିଦ୍ଧ ଜନପ୍ରିୟ ନାଚ –

(ଖ) ପ୍ରତ୍ୟେକ ଜିଲ୍ଲାର ମୁଖ୍ୟ ସ୍ଥାନଗୁଡ଼ିକୁ ଯୋଡୁଥିବା ସଡ଼କ –

(ଗ) ମାନଚିତ୍ରରେ ଚିହ୍ନିତ ରଙ୍ଗ ଓ ସଙ୍କେତ –

(ଘ) ପୃଥିବୀର ବିଭିନ୍ନ ମାନଚିତ୍ରକୁ ଏକାଠି କରି କରାଯାଇଥିବା ବହି –

(ଙ) ପ୍ରତ୍ୟେକ ଗ୍ରାମକୁ ଯୋଡୁଥିବା ସଡ଼କ –

୪. ସ୍ତମ୍ଭ ମିଳନ କର । ୧ × ୫ = ୫

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| କଟକ | ବଙ୍ଗଳା |
| କୋଣାର୍କ | ଲିଙ୍ଗରାଜ ମନ୍ଦିର |
| ପଶ୍ଚିମବଙ୍ଗ | ଉଚ୍ଚନ୍ୟାୟାଳୟ |
| ଶୁଦ୍ରମୁନି | ସୂର୍ଯ୍ୟ ମନ୍ଦିର |
| ଯାଜପୁର | ଦଶାଶ୍ୱମେଧ ଘାଟ |
| | ସାରଳାଦାସ |

୫. ଠିକ୍ ଉତ୍ତର ବାଛି ଲେଖ । ୧ × ୫ = ୫

(କ) କୋଲକାତାକୁ ଚେନ୍ନାଇ ସହ ସଂଯୋଗ କରୁଥିବା ରାଜପଥ –

(i) ୪୨ ନମ୍ବର (ii) ୪୩ ନମ୍ବର

(iii) ୫ ନମ୍ବର (iv) ୬ ନମ୍ବର

(ଖ) ଦୂରସ୍ଥାନରେ ଶୀଘ୍ର ପହଞ୍ଚିବା ପାଇଁ ପଥ –

(i) ଜଳପଥ (ii) ସଡ଼କପଥ (iii) ରେଳପଥ (iv) ଆକାଶପଥ

(ଗ) ଶ୍ରୀଜଗନ୍ନାଥମନ୍ଦିର ଓ ସମୁଦ୍ରର ବେଳାଭୂମି ପାଇଁ ପ୍ରସିଦ୍ଧ ସହର -

(i) କଟକ (ii) ପୁରୀ (iii) କୋଣାର୍କ (iv) ବାଲେଶ୍ୱର

(ଘ) ପଶ୍ଚିମବଙ୍ଗର ଖଡ଼୍‌ଗପୁରରୁ ଛତିଶଗଡ଼ର ରାୟପୁର ସହ ସଂଯୋଗ କରୁଥିବା ରାଜପଥ -

(i) ୫ ନମ୍ବର (ii) ୪୨ ନମ୍ବର (iii) ୬ ନମ୍ବର (iv) ୪୩ ନମ୍ବର

(ଙ) ମାନଚିତ୍ରର ତଥ୍ୟଗୁଡ଼ିକ ପାଇଁ ଚିହ୍ନ ଓ ସଂକେତ ଓ ରଙ୍ଗ ବ୍ୟବହାରକୁ କହନ୍ତି -

(i) ମାନଚିତ୍ରର ଲେଖା

(ii) ମାନଚିତ୍ରର ଭାଷା

(iii) ମାନଚିତ୍ରର ବର୍ଣ୍ଣନା

(iv) ମାନଚିତ୍ରର ସଂକେତ

❖❖❖